## ବିଜୟ ପାଇଁ ପ୍ରାର୍ଥନା



ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଅନୁଗୋଳ ଜିଲା ଭାଜପା ପକ୍ଷରୁ ରବିବାର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଆଶୀର୍ବାଦ କାମନା କରାଯାଉଛି।

# ମେଡିକାଲ ବେଡ୍‌ରୁ ଉଠି ଆସି ଚୋରି

**ଅନୁଗୋଳ ଅଫିସ,୧୭।୭**

- ଅଭିଯୁକ୍ତଙ୍କୁ ମାଡ଼ି ବସିଲେ ରାତ୍ର ଜଗୁଆଳ
- ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିଲେ
- ଗିରଫ ପରେ କୋର୍ଟଚାଲାଣ କଲା ପୋଲିସ

ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ରୋଗୀ ବେଡ୍‌ରୁ ଉଠି ଆସି ଚୋରି କରିବା ବେଳେ ଧରାପଡ଼ିଛନ୍ତି। ଅନୁଗୋଳ ସହରରେ ଘଟିଥିବା ଏପରି ଏକ ଘଟଣା ରବିବାର ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରାତ୍ର ଜଗୁଆଳ ମାଡ଼ିବସିବା ପରେ ତାଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରହଲ୍ଲାଦ ମଣ୍ଡଳ ଓ ତାଙ୍କ ଘର ଜଗତସିଂହପୁର ଜିଲା ପାରାଦୀପ ଥାନା ଉଦୟବଟ ଅଞ୍ଚଳରେ।

ସୂଚନା ଅନୁଯାୟୀ, ଅନୁଗୋଳ ହୁଲୁରୁସିଂହା ଗାଁର ସରୋଜ ମୁଖି ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ରାତ୍ର ଜଗୁଆଳ ଭାବେ କାମ କରନ୍ତି। ରବିବାର ଭୋର ୪ଟା ବେଳେ ସେ ସ୍କୁଲ ଚାରିପାଖ ବୁଲାବୁଲି କରୁଥିବା ସମୟରେ ତାଙ୍କ କ୍ୱାର୍ଟର୍ସରୁ ସମ୍ପୃକ୍ତ ଅଭିଯୁକ୍ତ ଜିନିଷପତ୍ର ନେଇ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସରୋଜ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରହଲ୍ଲାଦ ଏକ ଡ୍ରେନରେ ପଡି ଯାଇଥିଲେ। ମୁଣ୍ଡରେ ଓ ହାତରେ ଆଘାତ ଲାଗିବାରୁ ସେ ଆଉ ଯାଇପାରି ନ ଥିଲେ। ଏହି ସମୟରେ ସରୋଜ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ଏ ନେଇ ସରୋଜ ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ କହିଛି, ପ୍ରହଲ୍ଲାଦ ଏକ ଟ୍ରକ୍‌ରେ ହେଲପର ଭାବେ କାମ କରୁଥିବା ବେଳେ ସେ ତାଳଚେରରେ ଦୁର୍ଘଟଣାର ଶିକାର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ମେଡିକାଲରୁ ଆସି ଚୋରି କରୁଥିବା ବେଳେ ଧରାପଡ଼ିଥିଲେ। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ

**ଅନୁଗୋଳ ଅଫିସ,୧୭।୭:** ଅନୁଗୋଳ ଜିଲା ବନ୍ତଲା ଥାନା ଖୃଣ୍ଡା ମହୀଧରପଡା ଗାଁରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢଶୁର ଓ ଦେଢଶାଶୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଏଥିସହ ତାଙ୍କ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କୁ ଘରକୁ ଆଣି ରଖିଥିବା ଅଭିଯୋଗରେ ମହିଳା ଜଣଙ୍କ ଦର୍ଶାଇଛନ୍ତି। ପୋଲିସ କହିଛି, ଢେଙ୍କାନାଳ ଜିଲା ବାଲିମି ଥାନା କଡଲା ଗାଁର ଅଞ୍ଜନା ଗୋଛାୟତ ମହୀଧରପଡା ଗାଁର ଶୁକ୍ରୁ ଗୋଛାୟତଙ୍କୁ ୨ ବର୍ଷ ତଳେ ବିବାହ କରିଥିଲେ। ତେବେ ବାହାଘର ପରଠାରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ତାଙ୍କୁ ନିର୍ଯାତନ ଦିଆଯାଉଥିଲା। ଏପରିକି ତାଙ୍କୁ ଘରୁ ବାହାର କରି ଦିଆଯିବାରୁ ସେ ବାପଘରେ ରହୁଛନ୍ତି। ପୂର୍ବରୁ ତାଙ୍କ ଗର୍ଭ ମଧ ସ୍ୱାମୀଙ୍କ ଗୋଇଠା ମାଡ଼ରେ ନଷ୍ଟ ହୋଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୨୬୫/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଇସ୍କନରେ ବ୍ୟାସପୂଜା ମହୋତ୍ସବ

**ଅନୁଗୋଳ ଅଫିସ,୧୭।୭:** ଅନୁଗୋଳ ଇସ୍କନର କେନ୍ଦ୍ରୀୟ ତଥା ଦକ୍ଷିଣ ଓଡ଼ିଶାର କ୍ଷେତ୍ରୀୟ ସଚିବ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ୬୯ତମ ଆବିର୍ଭାବ ଉତ୍ସବ ମହା ଆଡମ୍ବରରେ ରବିବାର ପାଳିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବରିଷ୍ଠ ଭକ୍ତ ଓ ଶିଷ୍ୟାଶିଷ୍ୟମାନେ ମହାରାଜଙ୍କ ଗୁଣଗାନ କରିଥିଲେ। ଶେଷରେ ମହାରାଜ ବ୍ୟାସପୂଜାର ମହତ୍ତ୍ୱ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ମହାରାଜଙ୍କ ଦ୍ୱାରା ଗୋପୀ ଗୀତ ଓ ବେଣୁ ଗୀତ ପୁସ୍ତକ ଉନ୍ମୋଚିତ ହୋଇଥିଲା। କେନ୍ଦ୍ରର ମୁଖ୍ୟ ପରିଚାଳକ ପୁରୁଷୋତ୍ତମ ଦାସ ଓ ବ୍ୟାସ ପୂଜା ପରିଚାଳନା କମିଟି ସଭାପତି ରାଧେଶ୍ୟାମ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଉଚ୍ଛେଦ ପରେ ଉପେକ୍ଷା



**ବଇଣ୍ଡା,୧୭।୭(ଡି.ଏନ.ଏ.)**

- ବଇଣ୍ଡା ପ୍ରାଣୀଧନ ଚିକିତ୍ସାଳୟ ଭଙ୍ଗାଯିବାକୁ ୪ ବର୍ଷ ବିତିଲା
- ନୂତନ କୋଠା ନିର୍ମାଣ ହେଉ ନ ଥିବାରୁ ମିଳୁନି ଚିକିତ୍ସା ସେବା
- ସଂକ୍ରାମକ ରୋଗରେ ପଡ଼ି ଯାଉଛି ଗୃହପାଳିତ ପ୍ରାଣୀଙ୍କ ଜୀବନ

ବର୍ଷାଦିନେ ପ୍ରାଣୀଧନଙ୍କ ଠାରେ ବ୍ୟାପୁଛି ବିଭିନ୍ନ ସଂକ୍ରାମକ ରୋଗ। ହେଲେ ଚିକିତ୍ସା ପାଇଁ ନା ଅଛନ୍ତି ଚିକିତ୍ସକ ନା ଅଛି ଚିକିତ୍ସାକେନ୍ଦ୍ର। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୪ ବର୍ଷ ତଳୁ ପ୍ରାଣୀଧନ ଚିକିତ୍ସାଳୟକୁ ଉଚ୍ଛେଦ କରାଯିବା ପରଠାରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସାକୁ ଉପେକ୍ଷା କରାଯାଇ ଆସୁଛି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ପକ୍ଷରୁ ନୂତନ କୋଠା ନିର୍ମାଣ କରାଯାଉ ନ ଥିବାରୁ ରୋଗାକ୍ରାନ୍ତ ପ୍ରାଣୀ ସମ୍ପଦଙ୍କ ଚିକିତ୍ସା କରାଯାଇ ପାରୁନାହିଁ। ଫଳରେ ଅଯଥାରେ ସେମାନଙ୍କ ଜୀବନହାନି ହେଉଥିବାରୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ଚାଷୀ। ଏ ନେଇ ବଇଣ୍ଡା ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ବଇଣ୍ଡାବାସୀ କହିଛନ୍ତି, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ନିମନ୍ତେ ୨୦୧୮ରୁ ବଇଣ୍ଡାଠାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ କିଛି ବି ପ୍ରସ୍ତୁତି କରା ନ ଯାଇ ଅତ୍ୟନ୍ତ ତରବରିଆ ଭାବେ ସରକାରୀ, ବେସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଦ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ଭାଙ୍ଗି ଦିଆଗଲା। ଏହାର ପରିଣାମ ଏବେ ଅଞ୍ଚଳବାସୀ ଭୋଗୁଛନ୍ତି। ଅନ୍ୟ କାର୍ଯ୍ୟାଳୟ କୋଠା ନିର୍ମାଣ ତ ଦୂରର କଥା ପ୍ରାଣୀଧନଙ୍କ ଚିକିତ୍ସା ପାଇଁ ବହୁ ବର୍ଷରୁ ବଇଣ୍ଡାଠାରେ ଥିବା ପ୍ରାଣୀଧନ ଚିକିତ୍ସାଳୟର ନୂତନ ଗୃହ ଏଯାଏ ନିର୍ମାଣ କରାଗଲା ନାହିଁ। ଫଳରେ ନୁନୁକାପଶି, ଗାଁବଇଣ୍ଡା, ଜାମୁନାଳୀ, ଲୁହାମୁଣ୍ଡା ଆଦି ପଞ୍ଚାୟତର ଚାଷୀମାନେ ପାଳନ କରିଥିବା ୩ ହଜାର ୨୨ ଗାଈ, ୪ ହଜାର ୨୧୨ ଛେଳିଙ୍କ ଚିକିତ୍ସା ୪ ବର୍ଷ ହେଲା କରିପାରୁ ନାହାନ୍ତି। ବର୍ଷାଦିନେ ଫାଟୁଆ ରୋଗ ବ୍ୟାପୁଥିବାରୁ ଗୋରୁମାନେ ମୃତ୍ୟୁମୁଖରେ ପଡୁଛନ୍ତି। କୌଣସି ଚାଷୀ ରୋଗାକ୍ରାନ୍ତ ଗୋରୁଙ୍କୁ ନେଇ ୭ କି.ମି. ଦୂର ହଣ୍ଡପା ପ୍ରାଣୀଧନ ଚିକିତ୍ସାକେନ୍ଦ୍ରକୁ ଗଲେ ମଧ ସେଠାରେ ଡାକ୍ତର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଗୋରୁଙ୍କ ଜୀବନ ରକ୍ଷା ନେଇ ଚାଷୀ ଚିନ୍ତାରେ



"୪ ବର୍ଷ ହେବ ପ୍ରାଣୀଧନ ଚିକିତ୍ସାଳୟ କୋଠା ଭଙ୍ଗାଯାଇଥିବା ବେଳେ ପ୍ରଶାସନ ଏହା ନିର୍ମାଣରେ ବିଳମ୍ବ କରୁଛି। ଏହି ଅଞ୍ଚଳର ଚାଷୀମାନେ ବହୁ ସଂଖ୍ୟାରେ ଗୋ ପାଳନ କରୁଥିବାରୁ ରୋଗ ହେଲେ ଠିକ୍ ସମୟରେ ଚିକିତ୍ସା କରାଯାଇପାରୁ ନାହିଁ। ଏବେ ଫାଟୁଆ ରୋଗ ବ୍ୟାପୁଥିବାରୁ ଗୋରୁଙ୍କ ଜୀବନ ରକ୍ଷା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

-ରମେଶ ଚନ୍ଦ୍ର ଟିବ୍ରୁୱାଲ, ବଇଣ୍ଡା

### ୭ କି.ମି. ଦୂର ଯିବାକୁ ପଡୁଛି



"ଏହି ଚିକିତ୍ସାକେନ୍ଦ୍ର ଉପରେ ୪ଟି ପଞ୍ଚାୟତର ସହସ୍ରାଧିକ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ନିର୍ଭର କରୁଛି। ହେଲେ ଏହା ନିର୍ମାଣ ହେଉ ନ ଥିବାରୁ ଚାଷୀମାନେ ରୋଗାକ୍ରାନ୍ତ ପ୍ରାଣୀଧନଙ୍କୁ ନେଇ ୭ କି.ମି. ଦୂର ହଣ୍ଡପା ଚିକିତ୍ସାକେନ୍ଦ୍ରକୁ ଯାଉଛନ୍ତି। ପ୍ରଶାସନ ଏହି ସମସ୍ୟାର ଶୀଘ୍ର ସମାଧାନ କଲେ ଚାଷୀମାନେ ଉପକୃତ ହୁଅନ୍ତେ।

-ସୁଧୀର ପ୍ରଧାନ, କଦଳୀମୁଣ୍ଡା

### ଦାୟିତ୍ୱ ଠେଲି ବସିଯାଉଛି ପ୍ରଶାସନ



"ରାଜପଥ ସମ୍ପ୍ରସାରଣ ନିମନ୍ତେ ବଇଣ୍ଡାଠାରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅତ୍ୟନ୍ତ ତରବରିଆ ଭାବେ ଉଚ୍ଛେଦ କରାଗଲା। ଏଥିରୁ ପ୍ରାଣୀଧନ ଚିକିତ୍ସାଳୟ ମଧ ବାଦ ପଡ଼ିନାହିଁ। କିନ୍ତୁ ଏହା କିପରି ଶୀଘ୍ର ନିର୍ମାଣ ହେବ ଓ ଲୋକେ ଉପକୃତ ହେବେ ସେ ଦିଗରେ ପ୍ରଶାସନ ଧାନ ଦେଉନାହିଁ। ଠିକା ସଂସ୍ଥା ଉପରେ ଦୋଷ ଲଦି ଦାୟିତ୍ୱ ଠେଲି ଦିଆଯାଉଛି।

-ଅରବିନ୍ଦ ସାହୁ, ଭାଜପା ନେତା

### ପ୍ରାଣୀଧନ ମୃତ୍ୟୁମୁଖରେ ପଡୁଛନ୍ତି



"ପ୍ରାଣୀଧନ ଚିକିତ୍ସାଳୟ ନ ଥିବାରୁ ଅସୁସ୍ଥ ଗୋରୁଙ୍କ ଚିକିତ୍ସା କରିବାରେ ଅସୁବିଧା ହେଉଛି। ବର୍ଷାଦିନିଆ ରୋଗ ବ୍ୟାପୁଥିଲେ ମଧ ଟିକାକରଣ କରାଯାଉ ନାହିଁ। ଫଳରେ ବିଭିନ୍ନ ସଂକ୍ରାମକ ରୋଗରେ ପ୍ରାଣୀଧନ ମୃତ୍ୟୁମୁଖରେ ପଡୁଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ବି ସୁଫଳ ମିଳୁନାହିଁ।

-ଦୀପକ ବେହେରା

ବଇଣ୍ଡାଠାରେ ପ୍ରାଣୀଧନ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ପାଇଁ ୧୮ ଫେବୃୟାରୀ ୨୦୧୯, ୧୫ ସେପ୍ଟେମ୍ବର ୨୦୨୧ରେ ଜିଲାପାଳଙ୍କଠାରୁ ଆରମ୍ଭ କରି ଆଠମଲ୍ଲିକ ବିଧାୟକଙ୍କୁ ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ପ୍ରାଣୀଧନଙ୍କ ଚିକିତ୍ସାସେବା ପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ବଇଣ୍ଡାବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି କହିଛନ୍ତି, ବଇଣ୍ଡାଠାରେ ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ହେଲେ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାସଂସ୍ଥା ଏହା ନିର୍ମାଣ କରୁନାହିଁ । ଏ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି।

## ନକଲି ଶିକ୍ଷୟିତ୍ରୀ ଗିରଫ

**ଅନୁଗୋଳ ଅଫିସ,୧୭।୭**

ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ ୨୦୧୬ ମସିହାରୁ ଅନୁଗୋଳ ଜିଲାର ଏକ ସ୍କୁଲରେ ପିଇଟି ଭାବେ ଚାକିରି କରିଥିବା ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଜିଲାରେ ନକଲି ଶିକ୍ଷକଙ୍କ ତାଲିକା ଖୋଜାପଡିବା ପରେ ୧୦ ଜଣ ପିଇଟି ଜାଲ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଜଣାପଡିଥିଲା। ଏ ନେଇ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏହି ଘଟଣାରେ ପୋଲିସ ସମ୍ପୃକ୍ତା ନକଲି ଶିକ୍ଷୟିତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଅନୁଗୋଳ ଜିଲାର ବଳରାମପ୍ରସାଦ ଉଚ୍ଚ ବିଦ୍ୟାଳୟରେ ପିଇଟି ଥିବା ସୁପ୍ରଭା ସାହୁ ଜାଲ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଅଭିଯୋଗ କରିଥିଲେ। ଗିରଫ ନକଲି ଶିକ୍ଷୟିତ୍ରୀଙ୍କ ଘର କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଗୋବିନ୍ଦପୁର ଅଞ୍ଚଳରେ। ସେ ଚାକିରି କରିବା ପାଇଁ ଦାଖଲ କରିଥିବା ପ୍ରମାଣପତ୍ର ନକଲି ଜଣା ପଡିଥିଲା। ଏହି ଆଧାରରେ ଅନୁଗୋଳ ପୋଲିସ ଭଡ଼ା ଘରୁ ନକଲି ଶିକ୍ଷୟିତ୍ରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**କଣିହାଁ,୧୭।୭(ଡି.ଏନ.ଏ)**

ଟିକିରା ନଦୀରେ ବୁଡ଼ି ଗତ ୧୫ ତାରିଖରୁ ନିଖୋଜ ଥିବା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଗଦାଶିଳା ଗ୍ରାମର ଗୋବିନ୍ଦ ନାଏକଙ୍କ ମୃତଦେହ ରବିବାର କଣିହାଁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିବା ପରେ ପୋଲିସ ତାହାକୁ ଜବତ କରିଛି। ଏ ନେଇ ନଂ.୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଏନ୍‌ଟିପିସି ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ ପ୍ରକାଶ କରିଛନ୍ତି।

# ସ୍ଥାନୀୟ ଅଞ୍ଚଳରୁ ୯୦ ପ୍ରତିଶତ ନିଯୁକ୍ତି ଦାବି



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ତାଳଚେର,୧୭।୭(ନି.ପ୍ର.)**

ତାଳଚେର ସାର କାରଖାନା ଆଞ୍ଚଳିକ ପ୍ରଜା ମହାସଂଘର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏଫ୍‌ସିଆଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ୯୦ ଭାଗ ବେକାର ଯୁବତୀ ଯୁବକଙ୍କୁ ତାଳଚେର ସାର କାରଖାନାରେ ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଶିଳ୍ପସଂସ୍ଥା ଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର ୯୦ ଭାଗ ଲୋକଙ୍କୁ ନିଯୁକ୍ତି ଦେବାର ନିୟମ ରହିଛି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବାହାର ଲୋକଙ୍କୁ ଏଠାରେ ନିଯୁକ୍ତି ଦେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଅଞ୍ଚଳର କ୍ଷତିଗ୍ରସ୍ତ ପ୍ରଜା ଧୂଳିଧୂଆଁରେ ଅସ୍ତବ୍ୟସ୍ତ ହୋଇ ଦୈନନ୍ଦିନ ଜୀବନ ବିତାଉଥିବା ବେଳେ ଜମି ହରାଇ ଲୋକମାନେ ବେସାହାର ହୋଇଯାଇଛନ୍ତି। ଏହାକୁ ଗୁରୁତ୍ୱର ସହ ବିଚାର କରି ସ୍ଥାନୀୟ ଅଞ୍ଚଳର ୯୦ ଭାଗ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ସାର କାରଖାନା କର୍ତ୍ତୃପକ୍ଷ ଏ ଦିଗରେ କୌଣସି ନିଷ୍ପତ୍ତି ନ ନିଅନ୍ତି ତେବେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଲ୍ଲିକ, କୁକୁଡାଙ୍ଗ ସରପଞ୍ଚ ପାରିଜାତ ସେଠୀ, ସମିତିସଭ୍ୟା ଗୀତାରାଣୀ ସେଠୀ, ମଞ୍ଜୁ ବେହେରା, ମଲ୍ଲିକା ବେହେରା, ସସ୍ମିତା ବେହେରା, ନିରଞ୍ଜନ ସାହୁ, ତୁଷାର କୁମାର ସାହୁ, ବିନୋଦ ଲାଲ, ଚନ୍ଦନ ନାଏକ, ସରୋଜ ପଟ୍ଟନାୟକ, ଆଶିଷ ନାଏକ, ଦିଲୀପ ସାହୁ, ସ୍ୱାଗତ ପୃଷ୍ଟି, ପଦ୍ମନାଭ ସାହୁ, ପ୍ରଭାତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ନୃତ୍ୟ ସଙ୍ଗୀତ ବିଦ୍ୟାପୀଠ ପୁନଃ ଶୁଭାରମ୍ଭ

**ଆଠମଲ୍ଲିକ,୧୭।୭(ଡି.ଏନ.ଏ.)**

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ମାଳିସାହିରେ ଥିବା ନୃତ୍ୟ ସଂଗୀତ ବିଦ୍ୟାପୀଠକୁ ଏନଏସି ଅଧକ୍ଷା ଆଶାକୁମାରୀ ସାହୁ ପୁଣି ଶୁଭାରମ୍ଭ କରିଛନ୍ତି। ଅଧକ୍ଷା ସାହୁଙ୍କ ସମେତ ନୃତ୍ୟ ସଂଗୀତ ବିଦ୍ୟାପୀଠର ସମ୍ପାଦକ ନିଖିଲ କୁମାର ପ୍ରସାଦ, ନୃତ୍ୟଗୁରୁ ସଲମାନ ଖାନ ଓ ଅବିନାଶ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସୂଚନାଥାଉ କି ଦୁଇ ବର୍ଷ ହେବ କରୋନା କଟକଣା ଯୋଗୁ ନୃତ୍ୟ ସଙ୍ଗୀତ ବିଦ୍ୟାପୀଠ ବନ୍ଦଥିଲା। ନୃତ୍ୟ ଶିକ୍ଷା କରୁଥିବା ଛାତ୍ରୀଛାତ୍ରଙ୍କ ଅନୁରୋଧ କ୍ରମେ ରବିବାର ଏହାର ପୁନଃ ଶୁଭାରମ୍ଭ କରାଯାଇଛି। ଏଥିସହ ଏହି ଅନୁଷ୍ଠାନକୁ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି ଅଧକ୍ଷା ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ନିଜେ ଅଧକ୍ଷା ଛାତ୍ରୀଛାତ୍ରଙ୍କ ସହ ନୃତ୍ୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।



ବିଦ୍ୟାପୀଠକୁ ଅଧକ୍ଷା ଶୁଭାରମ୍ଭ କରୁଛନ୍ତି।

## କଲେଜକୁ ଆସି ଛାତ୍ରୀ ନିଖୋଜ

**ଅନୁଗୋଳ ଅଫିସ,୧୭।୭:** ଅନୁଗୋଳ ଜିଲା ନାଲ୍‌କୋ ଟାଉନ ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀ କଲେଜ ଆସି ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୬୦/୨୨ରେ ମାମଲ ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୩ ଆହତ

ଛେଣ୍ଡିପଦା,୧୭।୭(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ଛେଣ୍ଡିପଦା-ବୁଢାପାଳ ୧୫୩ ବି ଜାତୀୟ ରାଜପଥର ନୂଆପଡ଼ା ପଶିବନ୍ଧ ନିକଟରେ ରବିବାର ରାତି ୯ଟା ବେଳେ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ଯୋଗୁ ୩ ଜଣ ଆହତ ହେଇଛନ୍ତି। ସେମାନେ ହେଲେ ବାଇକ୍ ଚାଳକ ବିଜୟ ବେହେରା (୧୮), ବବୁଲ ବେହେରା (୧୫) ଓ ରାଜା ବେହେରା(୧୨)। ସେମାନଙ୍କ ମଧ୍ୟରୁ ବିଜୟଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରକାଶ ଯେ, ନୂଆପଡ଼ା ଗ୍ରାମର ବିଜୟ କୁମାର ବେହେରା ସ୍ଥାନୀୟ ପେଟ୍ରୋଲ ପମ୍ପରୁ ମୋଟର ସାଇକେଲରେ ତେଲ ପକାଇ ଘରକୁ ଫେରୁଥିବା ବେଳ ବୁଢାପାଳ ଆଡକୁ ଯାଉଥିବା ଏକ କାର୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ଥିବା ୩ ଜଣ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ବାଇକ୍ ଚାଳକ ବିଜୟ ବେହେରାଙ୍କୁ (୧୮) ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଅନ୍ୟ ଦୁଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଜଣାପଡିଛି।

### ବୈଷ୍ଣବୀ ସାମଲ ବିଦ୍ୟାଳୟ ଟପ୍ପର
#### ଆଇସିଏସ୍‌ଇ ପରୀକ୍ଷା ଫଳ

ଅନୁଗୋଳ ଅଫିସ,୧୭।୭: କାଉନସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏହି କ୍ରମରେ ଅନୁଗୋଳ ଜିଲାରେ ଥିବା ଦୁଇଟି ବିଦ୍ୟାଳୟର ଭଲ ରେଜଲ୍ଟ ହୋଇଛି। ଅମରବାଣୀ ବିଦ୍ୟାଳୟରେ ୫୨ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ସଫଳତା ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବୈଷ୍ଣବୀ ସାମଲ ୯୫.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିଭଳି କମଲେସ କୁମାର ୯୪.୮% ନମ୍ବର ରଖି ଦ୍ୱିତୀୟ ଓ ରୋନିତ ଧୀରସାମନ୍ତ ୯୪.୭% ନମ୍ବର ରଖି ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଏଥିସହ ବିଦ୍ୟାଳୟରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ୧୭ ଜଣ ଛାତ୍ରୀଛାତ୍ର ରଖିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଭାଉଜଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୭।୭(ଡି.ଏନ.ଏ): କିଶୋରନଗର ଥାନା ଧଉରାପାଲି ଗ୍ରାମର ଦଳନୀ ବେହେରାଙ୍କୁ ତାଙ୍କ ଦିଅର ବିକୁନ ବେହେରା ମାଡ଼ ମାରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଦଳନୀ ଅଭିଯୋଗରେ ଦର୍ଶାଇଛନ୍ତି, ପାରିବାରିକ କଳହକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଶନିବାର ରାତିରେ ଦଳନୀ ଘରେ ଏକାଥିବାବେଳେ ତାଙ୍କୁ ବିକୁନ ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୧୨୦ /୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ସେଣ୍ଟ ଲରେନ୍ସ ସ୍କୁଲରେ ୧୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ପାସ କରିଛନ୍ତି। ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ୩୯ ଜଣ ଛାତ୍ରୀଛାତ୍ର ରଖିଛନ୍ତି। ସମ୍ପୂର୍କ୍ତା ଦାସ ୯୮.୪ ପ୍ରତିଶତ ନମ୍ବର ରଖିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ସାପକୁ ନ ମାରି ସୁରକ୍ଷା ଦିଅ

## ବିଶ୍ୱ ସାପ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ,୧୭।୭



କାର୍ଯ୍ୟକ୍ରମ ଅବସରରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ମଣିଷ ସାପକୁ ଭୟ କରୁଥିଲେ ବି ଏହି ସରୀସୃପ ମଣିଷର ବହୁ ଉପକାର କରିଥାଏ। ତେଣୁ ଏହାକୁ ବୁଝି ଓ ସଚେତନ ହୋଇ ସାପର ସୁରକ୍ଷା ଏବଂ ପରିଚାଳନା କ୍ଷେତ୍ରରେ ମଣିଷ ସମାଜ ସତର୍କତାପୂର୍ଣ୍ଣ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଶ୍ୱ ସାପ ଦିବସ ପାଳନ ଅବସରରେ ଶନିବାର ଅନୁଗୋଳ ଟାଉନ୍ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି (ନିୟୁଜ) ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସାପମାନଙ୍କ ଚିହ୍ନଟ, ବିଷଧର ଓ ବିଷ ନ ଥିବା ସାପ, ବାସସ୍ଥାନ, ଖାଦ୍ୟ, ସକ୍ରିୟତା ଓ ଅନ୍ୟାନ୍ୟ ବ୍ୟବହାରିକ ଜୀବନ ପ୍ରଣାଳୀ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ପରିବେଶପ୍ରେମୀ ତଥା ନିୟୁଜ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସର୍ପମିତ୍ର ଆଦିତ୍ୟ ବେହେରା, ବନ୍ୟଜନ୍ତୁପ୍ରେମୀ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିବର୍ଷ ହଜାର ହଜାର ସାପକୁ ମାରିଦିଆଯାଉଥିବା ପ୍ରକାଶ କରିଥିଲେ। ସାପ କାମୁଡ଼ା ଘଟଣା ହ୍ରାସ ପାଇଁ ସତର୍କତାପୂର୍ଣ୍ଣ ବସବାସ କରିବାର ବିଭିନ୍ନ ଉପାୟ ଏବଂ ସାପ କାମୁଡା ଜନିତ ଆଶୁ ଚିକିତ୍ସା ଏବଂ ସ୍ଥାୟୀ ଚିକିତ୍ସା ଉପରେ ଆଲୋଚନା କରାଯାଇଥିଲା। ସାପ କାମୁଡାଜନିତ ଘଟଣାରେ କୌଣସି ପାରମ୍ପରିକ ଚିକିତ୍ସା ପରିବର୍ତ୍ତେ ସିଧାସଳଖ ଡାକ୍ତରଖାନାରେ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା। ସାପମାନଙ୍କ ପାଇଁ କୃଷି ଉତ୍ପାଦନ ବଢୁଥିବା, ମୂଲ୍ୟବାନ ଔଷଧ ପ୍ରସ୍ତୁତ ହେଉଥିବା ଏବଂ ପ୍ରାକୃତିକ ଭାରସାମ୍ୟ ରକ୍ଷା ହେଉଛି ବୋଲି ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରିୟବ୍ରତ ବେହେରା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସମିତି ସଂଯୋଜକ ଯଶୋବନ୍ତ ସାହୁ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସ୍ତ୍ରୀ ଓ ପୁଅଙ୍କୁ ମାଡ଼ ଅଭିଯୋଗ

ଛେଣ୍ଡିପଦା,୧୭।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ବାଗଡ଼ିଆ ଫାଣ୍ଡି ପାତ୍ରପଡା ଗ୍ରାମର ନଗେନ ନାଏକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ତାଙ୍କ ସ୍ତ୍ରୀ ଓ ପୁଅକୁ ମାଡ଼ ମାରି ହାତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ କହିଛି, ନଗେନ ୨୨ ବର୍ଷ ତଳେ ସେହି ଗ୍ରାମର ଅଞ୍ଜନା ନାଏକଙ୍କୁ ବିବାହ କରିଥିଲେ। ଏହା ପରେ ତାଙ୍କର ଆଉ ୨ଜଣ ସ୍ତ୍ରୀ ଅଛନ୍ତି। ଅଞ୍ଜନା ତାଙ୍କ ୨ ପୁଅଙ୍କୁ ଧରି ଘରେ ରହୁଥିବା ବେଳେ ନଗେନ ଅନ୍ୟ ୨ସ୍ତ୍ରୀଙ୍କୁ ଧରି ପାତ୍ରପଡ଼ା ଡାକ ବଙ୍ଗଳା ନିକଟରେ ରହୁଛନ୍ତି। ପ୍ରଥମ ସ୍ତ୍ରୀ ଅଞ୍ଜନା ଏବଂ ୨ପୁଅଙ୍କୁ ଘରୁ ବାହାରି ଯିବା ପାଇଁ ନଗେନ ବହୁଥର କହିଛନ୍ତି। ଗଣ୍ଡଗୋଳ ସହିତ ଅଞ୍ଜନାଙ୍କୁ ମାଡ଼ ମାରିଛନ୍ତି। ଗତ ଶୁକ୍ରବାର ନଗେନ ଏକ ଠେଙ୍ଗା ଧରି ଘରକୁ ଆସି ଅଞ୍ଜନାଙ୍କୁ ଘରୁ ବାହାରି ଯିବା ପାଇଁ କହିବା ସହିତ ମାଡପିଟ୍ କରିଥିଲେ। ମା'କୁ ମାଡ଼ ହେଉଥିବା ଦେଖି ଅଞ୍ଜନାଙ୍କ ୧୧ ବର୍ଷର ପୁଅ ବାପାଙ୍କୁ ପ୍ରତିରୋଧ କରିବାରୁ ନଗେନଙ୍କ ଠେଙ୍ଗା ମାଡ଼ରେ ପୁଅଙ୍କ ହାତ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଅଞ୍ଜନା ବାଗଡିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ ନଂ. ୩୨୮/୨୨ରେ ଏକ ମାମଲା ରୁଜୁ କରି ଗତ ଶନିବାର ନଗେନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

## ଚାରା ଲଗାଇ ଯତ୍ନ ନେବାକୁ ପରାମର୍ଶ

ବଇଣ୍ଡା,୧୭।୭(ଡି.ଏନ.ଏ)

କିଶୋରନଗର ବ୍ଲକ ଧଉରାପାଲି ସରକାରୀ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିନନ୍ଦା ଭଞ୍ଜ, ମିନତୀ ପ୍ରଧାନ, ସୁଜାତା ବିଶାଳ, ଅଶୋକ ପ୍ରଧାନ, ମହେଶ୍ୱର ମେହେର, ସବିତା ବିଶ୍ୱାଳ, ମନସ୍ୱିନୀ ବେହେରା, ଗୋବିନ୍ଦଚନ୍ଦ୍ର ଦାସ ଯୋଗଦେଇ ଚାରା ରୋପଣ କରିଥିଲେ। ଏଥିରେ ଅଶୋକ, ବକୁଳ, ଚମ୍ପା ଭଳି ଅନେକ ଚାରା ରୋପଣ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ଘରେ ଗୋଟିଏ ଲେଖାଏ ଗଛ ଲଗାଇବା ସହ ତାର ଯତ୍ନନେବାକୁ ପରାମର୍ଶ ଦିଆଯାଇଥିଲା।



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

ତାଳଚେର,୧୭।୭(ନି.ପ୍ର.)

ତାଳଚେର ବ୍ଲକ ଡେରା କୋଲିୟରୀ ହାଇସ୍କୁଲ୍‌ଠାରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଗୁରୁ ବାବା ରାମଦେବଙ୍କୁ ଅନୁସରଣ କରି ରୂପାଲି ଚାଟାର୍ଜି ମହାନ୍ତି ସ୍କୁଲ୍‌ରେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହି ଶିବିରରେ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ପ୍ରଥମେ ସ୍କୁଲ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଯୋଗ ଗୁରୁ ମହାନ୍ତି ଆଜିର ଆଧୁନିକ ଯୁଗରେ ଯୋଗର ଆବଶ୍ୟକତା ଏବଂ ସୁସ୍ଥ ଶରୀର ଓ ନିରୋଗ ପାଇଁ ଯୋଗର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରକାର ଯୋଗ, ଆସନ, ପ୍ରାଣାୟମ ଏବଂ ସଂଗୀତ ମାଧ୍ୟମରେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଯୋଗ ଗୁରୁ ମହାନ୍ତିଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ୨୦୫ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ବଅଁରପାଳ,୧୭।୭(ଡି.ଏନ.ଏ)

ନାଲ୍‌କୋ ପକ୍ଷରୁ ଅଫିସର୍ସ କ୍ଲବ ପରିସରରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଖଣି ମନ୍ତ୍ରଣାଳୟର ଅମୃତ ମହୋତ୍ସବ ଉପଲକ୍ଷେ ଏହି ଶିବିର ଆୟୋଜନ ହୋଇଥିଲା। ଶିବିରରେ ମୋଟ୍ ୨୦୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନାଲ୍‌କୋ କର୍ମଚାରୀ ଓ ତାଙ୍କ ପରିବାର ସିଆଇଏସ୍‌ଏଫ୍ ଟାଉନଶିପ୍ ସ୍ୱିକୃତୀ କର୍ମଚାରୀ ଓ ନାଲ୍‌କୋ ଅଧିକାରୀମାନେ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମେଲଟର ମହାପ୍ରବନ୍ଧକ ଏସ୍‌ଏମ୍ ଅଲ୍ଲୀ ଡିଜିଏମ୍ ରାଜାରାମ ମିଶ୍ର, ଲୋକସମ୍ପର୍କ ଅଧିକାରୀ ସମୀର ମାଝି, ଗିରିଜା ଶଙ୍କର ପଣ୍ଡା, ମନୋଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଉପରେ ଜମୁଛି ଆଣ୍ଠୁଏ ପାଣି

### ପଥଚାରୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

କଣିହାଁ,୧୭।୭(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମ ଠାକୁର ଘରଠାରୁ ୩୦ ମିଟର ଦୂରରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଫଳରେ ପଥଚାରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ରାସ୍ତା ଉପରେ ବଡ଼ଗୁଣ୍ଡୁରୀ, ଡେରେଙ୍ଗ ଓ କାକୁଡ଼ିଆ ପଞ୍ଚାୟତବାସୀ ନିର୍ଭର କରନ୍ତି। କିନ୍ତୁ ଡ୍ରେନଜ ବ୍ୟବସ୍ଥା ନ ଥିବାରୁ ଏହି କଂକ୍ରିଟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହୁଛି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ସୁଫଳ ମିଳିପାରୁ ନାହିଁ। ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି, ସେହିରାସ୍ତାରେ ଯାତାୟାତ କଲାବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାଧାରଣ ପଥଚାରୀ କେତେ ହତସନ୍ତ ହେଉଛନ୍ତି କାହାକୁ ଅଛପା ନାହିଁ। ଗ୍ରାମର ପୂର୍ବତନ ସମ୍ପାଦକ ରମେଶ କହିଛନ୍ତି, ପାଣି ଜମୁଥିବା ସ୍ଥାନର ୨ ମିଟର ଦୂରରେ ଏକ କୂଅ ରହିଛି। ସେହିପାଣିକୁ ୩୦ରୁ ଉର୍ଦ୍ଧ୍ୱ ପରିବାର ବ୍ୟବହାର କରୁଛନ୍ତି। ରାସ୍ତା ଉପରେ ପାଣିକୁ ନେଇ କୂଅ ଜଳ ପ୍ରଦୂଷିତ ହେଉଛି। ଏହାର ପ୍ରତିକାର ହେବା ଦରକାର। ଗ୍ରାମ ସଭାପତି ସୁଧୀଶ କହିଛନ୍ତି, ଗ୍ରାମର ବିକାଶ କଥା ଦେଖିବାକୁ ପ୍ରଶାସନିକ ଅଧିକାରୀ ଆସୁନାହାନ୍ତି। ତାଳଚେର ନିର୍ବାଚନ ମଣ୍ଡଳୀର ଉକ୍ତ ଗ୍ରାମ ୧ ନଂ. ବୁଥରୁ ଆରମ୍ଭ ହୋଇଛି। କିନ୍ତୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏ ନେଇ ବିଡିଓ ନିଶାନ ମିଶ୍ରଙ୍କ ସହ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ। ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ କହିଛନ୍ତି, ଏ ସମ୍ପର୍କରେ ଜଣା ନ ଥିଲା। ଖୁବ୍‌ଶୀଘ୍ର ସମାଧାନ କରାଯିବ। ସରକାରୀ ପାଣ୍ଠି ନ ମିଳିଲେ ମଧ୍ୟ ରାସ୍ତା କାର୍ଯ୍ୟ କରାଯିବ।


ରାସ୍ତା ଉପରେ ପାଣି ଜମି ରହିଛି।

## ଟ୍ରକ୍ ଚାଳକଙ୍କ ଚାଲାକି ଧରାପଡ଼ିଲା

- ନିଜେ ଟ୍ରକ୍ ଚୋରି କରି ଥାନାରେ କରିଥିଲେ ଅଭିଯୋଗ
- ଚାଳକ ଓ ୨ ସହଯୋଗୀଙ୍କୁ ଗିରଫ କଲା ପୋଲିସ

ଅନୁଗୋଳ ଅଫିସ,୧୭।୭

ନିଜେ ଟ୍ରକ୍ ଚୋରି କରି ଥାନାରେ ଚୋରି ଅଭିଯୋଗ କରିଥିବା ଚାଳକଙ୍କ ଚାଲାକି ଧରିଛି ଅନୁଗୋଳ ସଦର ଥାନା ପୋଲିସ। ଏଥିସହ ଟ୍ରକ୍ ଚାଳକ ଖୋର୍ଦ୍ଧା ଥାନା ବାଘମାରୀ ଗାଁର ଜଗା ଓରଫ ଆଲୋକ ସେଠୀ(୨୭) ଓ ତାଙ୍କ ଦୁଇ ସହଯୋଗୀ ଢେଙ୍କାନାଳ ଜିଲା ଗଅନ୍ଦିଆ ଅଞ୍ଚଳର ପ୍ରିୟବ୍ରତ ପଣ୍ଡା (୨୭ ) ଓ ଦୀପ୍ତି ରଞ୍ଜନ ବେହେରା (୨୨)ଙ୍କୁ ଗିରଫ କରାଯାଇଥିବା ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ କହିଛି, ଗତ ୧୨ ତାରିଖରେ ଏକ ୧୪ ଚକିଆ ଟ୍ରକ୍ (ନଂ. ଓଡି୦୫ ବିଏ- ୦୧୮୭)ରେ ମାଙ୍ଗାନିଜ ପାଉଡର ଗୋପାଳପୁର ବନ୍ଦରରୁ ଜେଏସ୍‌ପିଏଲ୍‌କୁ ଆସୁଥିଲା। କିନ୍ତୁ ୫ ଜଣ ଦୁର୍ବୃତ୍ତ ଟ୍ରକ୍ ଚୋରି କରିନେଇଥିବା ନେଇ ଚାଳକ ଆଲୋକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୩୪/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରି ବଡକଜରା ଛକରୁ ଟ୍ରକ୍‌କୁ ଜବତ କରିଥିଲା। ତଦନ୍ତ ବେଳେ ଚାଳକ ଓ ୨ ସହଯୋଗୀ ଟ୍ରକ୍‌ର ୫ଟି ଚକ ଓ ଗୋଟିଏ ବ୍ୟାଟେରି ଚୋରି କରିଥିବା ଜଣାପଡ଼ିଥିଲା। ସେମାନଙ୍କୁ ଗିରଫ ସହ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୬ ଜେ–୦୫୪୯)କୁ ଜବତ କରାଯାଇଥିବା ପୋଲିସ ପ୍ରକାଶ କରିଛି।

## 'ରାଷ୍ଟ୍ରସେବାରେ ନିୟୋଜିତ ହୁଅ'

ତାଳଚେର,୧୭।୭ (ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ବିକ୍ରମ ଦାସ ଛାତ୍ରାବାସରେ ଶେଷବର୍ଷ ଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ନୃତତ୍ତ୍ୱ ବିଭାଗ ଅଧ୍ୟାପକ ଡକ୍ଟର ଚମ୍ପକ ସାହୁ ଯୋଗଦେଇ ଶେଷବର୍ଷର ଛାତ୍ରମାନଙ୍କୁ ଆଗାମୀ ଦିନରେ ଭବିଷ୍ୟତ ନିର୍ମାଣ କରି ରାଷ୍ଟ୍ରସେବାରେ ନିୟୋଜିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ବିଦାୟକାଳୀନ ସଭାରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ଶଶାଙ୍କ ପ୍ରଧାନ ଯୋଗଦେଇ ଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଶେଷବର୍ଷର ଛାତ୍ରମାନଙ୍କୁ ହଷ୍ଟେଲ୍‌ର ଅନ୍ତେବାସୀମାନେ ପୁଷ୍ପଗୁଚ୍ଛ ଓ ପୁରସ୍କାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମସ୍ତ ଛାତ୍ର ବିଗତ ଦିନର ଅନୁଭୂତି ଓ ଆଗାମୀ ଭବିଷ୍ୟତ ସମ୍ପର୍କରେ ମତ ଦେଇଥିଲେ। ସତ୍ୟବ୍ରତ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିବେକାନନ୍ଦ ନାଏକ, ପ୍ରଦ୍ୟୁମ୍ନ ବେହେରା, ତୋଫାନ ପାଲ୍ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶ୍ରାଦ୍ଧବାର୍ଷିକୀରେ ସାମାଜିକ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ,୧୭।୭

ଅନୁଗୋଳର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବିବାର ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଓ ଶୈଳଶ୍ରୀକ୍ଷେତ୍ରରେ ପୂଜାର୍ଚ୍ଚନା ଏବଂ ବିଜୁ ମୈଦାନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହିତ ୨ଟି ସ୍ଥାନରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବଅଁରପାଳ କଲେଜଠାରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଉଦ୍‌ଘାଟନ କରିଥିଲେ। ସେହିପରି ଅନୁଗୋଳ ପୌରପାଳିକା ୱାର୍ଡ ନଂ ୬ ଆମ୍ବେଡକର ନଗରଠାରେ କାଉନସିଲର ସୁଶୀଲ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରକୁ ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ନଗରପାଳ ଅକ୍ଷୟ ସାମନ୍ତ, କାଉନସିଲର ସୁକାନ୍ତି ଦାସ, ସଦାନନ୍ଦ ପଣ୍ଡା, ରଞ୍ଜିତ ମାଣ୍ଡୋଠିଆ, ତପନ ତ୍ରିପାଠୀ, ବୃନ୍ଦାବନ ସ୍ୱାଇଁ, ସୁଜିତ ଦ୍ୱିବେଦୀ, ସରୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଅନୁଗୋଳ ବ୍ଲକ ବନ୍ତଲା ଡାକ ବଙ୍ଗଳା ଠାରେ ବ୍ଲକ ବିଜେଡି ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଓ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥି ଭାବରେ ଯୋଗାଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଢେଙ୍କାନାଳ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଜିଲା ପରିଷଦ ସଦସ୍ୟ କାଜଲ ପଟ୍ଟନାୟକ, ରେବତୀ ନାଏକ, ପ୍ରିୟଦର୍ଶୀ ପଟ୍ଟନାୟକ, ଧ୍ରୁବ ଚରଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ୨ଗୋଟି ରକ୍ତଦାନ ଶିବିରରେ ୫୫୪ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା।



# ବ୍ରାହ୍ମଣୀ କଇଁଛଙ୍କୁ ପ୍ରଦୂଷଣ ବିପତ୍ତି

**ଢେଙ୍କାନାଳ ଅଫିସ, ୧୭।୭**


ବ୍ରାହ୍ମଣୀ ନଦୀ କୂଳରେ ମୃତ କଇଁଛ।

■ମରୁଛନ୍ତି ଜଳଚର ଜୀବ
■ପରିବେଶବିତ୍‌ଙ୍କ ଉଦ୍‌ବେଗ
■ପଦକ୍ଷେପ ନେବାକୁ ଦାବି

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ 'ବ୍ରାହ୍ମଣୀ' ବିପଦରେ। ନଦୀ ତଟବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନାର ବର୍ଜ୍ୟଜଳ ଏହାର ପାଣିକୁ ଅତିମାତ୍ରାରେ ପ୍ରଦୂଷିତ କରିଦେଇଛି। ପ୍ରଦୂଷଣ ପ୍ରଭାବ ଏତେ ବଢ଼ିଗଲାଣି ଯେ, ଦୀର୍ଘ ଆୟୁବିଶିଷ୍ଟ କଇଁଛ ଭଳି ଜଳଚର ଜୀବ, ବିଭିନ୍ନ ପ୍ରଜାତିର ମାଛ ମରି ଭାସୁଛନ୍ତି। ଏଥିରୁ ପ୍ରଦୂଷଣ କେତେ ବିପଜ୍ଜନକସ୍ତରରେ ରହିଛି, ତାହା ସ୍ପଷ୍ଟ ଅନୁମେୟ। ମଧୁର ଜଳ କଇଁଛଙ୍କ ପ୍ରାକୃତିକ ଅନ୍ତୁଡ଼ିଶାଳ ଭାବେ ପରିଚିତ ଢେଙ୍କାନାଳରେ ପ୍ରବାହିତ ବ୍ରାହ୍ମଣୀ ନଦୀଶଯ୍ୟାରେ ଏଭଳି ଦୃଶ୍ୟ ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ବର୍ଷ କେଇଟାରେ ବ୍ରାହ୍ମଣୀ ଜଳଜ ଜୀବଙ୍କ କବରସ୍ଥଳୀ ପାଲଟିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସଦର ରେଞ୍ଜ୍ ଅଧୀନ ବଣସିଂହ, ରାଧାଦେଇପୁର, କାମାକ୍ଷାନଗର ରେଞ୍ଜ୍ ରାଙ୍କିଆ, ବୁଢ଼ୀବିଲି ନିକଟ ବ୍ରାହ୍ମଣୀ ନଦୀଶଯ୍ୟା ଗତକିଛି ବର୍ଷ ହେଲା ମଧୁର ଜଳ କଇଁଛଙ୍କ ଗଣ ଅଣ୍ଡାଦାନର ଠିକଣା ପାଲଟିଛି। ପ୍ରତିବର୍ଷ ନଭେମ୍ବରରୁ ସେମାନେ ଏଠାକୁ ଆସି ଅଣ୍ଡାଦାନ କରିଥାଆନ୍ତି। କଇଁଛଙ୍କ ସମାଗମ ବଢୁଥିବାରୁ ଅଣ୍ଡାଦାନ ସ୍ଥଳ ଉପରେ ବନ ବିଭାଗ କଡ଼ା ନଜର ରଖିଛି। ବ୍ରାହ୍ମଣୀ କଇଁଛ ସୁରକ୍ଷା ସମିତି ପକ୍ଷରୁ କଇଁଛ ଏବଂ ଅଣ୍ଡାକୁ ସୁରକ୍ଷା ପ୍ରଦାନ କରାଯାଉଛି। ଗତବର୍ଷ ୯୦୦ରୁ ୧୦୦୦ ଅଣ୍ଡାଦାନ ହୋଇଥିବାବେଳେ ବହୁସଂଖ୍ୟାକ କଇଁଛ ଶାବକ ଅଣ୍ଡାରୁ ଫୁଟି ନଦୀକୁ ଯାଇଛନ୍ତି। ତେବେ ଜଳ ପ୍ରଦୂଷଣ କାରଣରୁ ଏବେ କଇଁଛମାନେ ମରୁଛନ୍ତି। ଓଡ଼ାପଡ଼ା ବ୍ଲକ କୁଶୁପଙ୍ଗା ଗ୍ରାମ ନଦୀ କୂଳରେ ରବିବାର ୩୦ କେଜିରୁ ଊର୍ଦ୍ଧ୍ୱ ଓଜନର ଏକ ବଡ଼ କଇଁଛ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଗାଧୋଇବାକୁ ଯାଇଥିବାବେଳେ ଏହାକୁ ଦେଖିଥିଲେ। ଦୂଷିତ ଜଳ ଯୋଗୁ କଇଁଛଟିର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ ସମ୍ପୃକ୍ତ ଯୁବକମାନେ ଏହାକୁ ନଦୀରେ ଭସାଇ ଦେଇଥିଲେ। ଲଗାତର ଭାବେ ଏଭଳି କଇଁଛଙ୍କ ମୃତ୍ୟୁ ଘଟୁଥିବା ସ୍ଥାନୀୟ ଲୋକେ କହୁଥିବାବେଳେ ବନ ବିଭାଗ ନିକଟରେ ଏହାର ସୂଚନା ନ ଥିବା ଆଲୋଚନାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ ବ୍ରାହ୍ମଣୀ କଇଁଛ ସୁରକ୍ଷା ସମିତି ଆବାହକ ରାଜେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ମାଛ ଧରିବା ପାଇଁ ନଦୀରେ ଡିନାମାଇଟ ବିସ୍ଫୋରଣ କରାଯାଉଛି। ନଦୀ ନିକଟବର୍ତ୍ତୀ ଶିଳ୍ପାନୁଷ୍ଠାନର ଦୂଷିତ ଜଳ ସିଧାସଳଖ ପାଣିରେ ମିଶୁଛି। ଫଳରେ କଇଁଛ ଏବଂ ଅନ୍ୟ ଜଳଚର ଜୀବଙ୍କ ମୃତ୍ୟୁ ଘଟୁଥିବା ସନ୍ଦେହ କରାଯାଉଛି। ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ବନ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣାର ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ।


ବନ ବିଭାଗ ଜବତ କରିଥିବା ଶାଗୁଆନ କାଠ।

## ୩୫ ସିଏଫ୍‌ଟି ଶାଗୁଆନ କାଠ ଜବତ

**ପରଜଙ୍ଗ, ୧୭।୭(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଡିହଡୋଳ ସେକ୍ସନ ଅଧୀନ ଚାନ୍ଦପୁର ପଞ୍ଚାୟତର ଅଭିମନ୍ୟୁ ମହାପାତ୍ରଙ୍କ ଘର ପଛ ବଗିଚାରୁ ବିପୁଳ ପରିମାଣର ଶାଗୁଆନ ଗଣ୍ଡି ଜବତ କରାଯାଇଛି। ଜବତ ଶାଗୁଆନ କାଠର ପରିମାଣ ୩୫ ସିଏଫ୍‌ଟିରୁ ଅଧିକ ହେବ। ଏହାର ଆନୁମାନିକ ମୂଲ୍ୟ ୭୦ରୁ ୮୦ ହଜାର ଟଙ୍କା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବେଆଇନ ଭାବେ ଶାଗୁଆନ ଗଣ୍ଡି ଗଚ୍ଛିତ ରଖାଯାଇଥିବା କୌଣସି ସୂତ୍ରରୁ ସୂଚନା ପାଇ ବନପାଳ ଅଜିତ ଦଳେଇ, ସାଆନ୍ଦା ଫରେଷ୍ଟ ଗାର୍ଡ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଏ ନେଇ ବନପାଳ କୁହନ୍ତି, କାଠ ଜବତ ଘଟଣାରେ କାହାରି ନାମରେ ମାମଲା ରୁଜୁ ହୋଇନାହିଁ। ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି, ତାହାର ତଦନ୍ତ କରାଯିବା ପରେ ମାମଲା ରୁଜୁ ହେବ। ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ୬୦ ଶିକ୍ଷକଙ୍କ ପଦୋନ୍ନତି

**ଢେଙ୍କାନାଳ ଅଫିସ, ୧୭।୭:** ଢେଙ୍କାନାଳ ପୌରାଞ୍ଚଳସ୍ଥିତ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସଦର ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି କାଉନ୍‌ସେଲିଂ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୬୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି। ୩ଜଣଙ୍କୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ୧୦ ଜଣଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗ୍ରାଜୁଏଟ୍ ବିଜ୍ଞାନ ଶିକ୍ଷକ ଏବଂ ୪୭ଜଣଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗ୍ରାଜୁଏଟ୍ କଳା ଶିକ୍ଷକ ଭାବେ ପଦୋନ୍ନତି ମିଳିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ପସନ୍ଦଯୋଗ୍ୟ ବିଦ୍ୟାଳୟ ଚୟନ କରି ଅବସ୍ଥାପିତ ହୋଇଛନ୍ତି। କିରାଣି ରବି ରାଉତ, ଶିକ୍ଷକ ସଂଘ ସଭାପତି ଅସିତ ମିଶ୍ର, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଶିକ୍ଷକ ନେତା ବୈରାଗୀ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ କର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଦୃଢ଼ ଇଚ୍ଛାଶକ୍ତି ସଫଳତାର ମୂଳମନ୍ତ୍ର

**କାମାକ୍ଷାନଗର, ୧୭।୭(ଡି.ଏନ୍.ଏ.)**


ଜଣେ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ପ୍ରତିଷ୍ଠା ଦିବସ
■ସମ୍ବର୍ଦ୍ଧିତ ହେଲେ ୧୨ ଏ-୧ ଗ୍ରେଡ୍‌ଧାରୀ ମେଧାବୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ୩୦ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଢ଼ ଇଚ୍ଛାଶକ୍ତି ସଫଳତାର ମୂଳମନ୍ତ୍ର। ଏହାକୁ ପୁଞ୍ଜିକରି ଛାତ୍ରୀଛାତ୍ର ସବୁକ୍ଷେତ୍ରରେ ଶୀର୍ଷରେ ପହଞ୍ଚିପାରିବେ। ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ୍ ସମୟରେ ଆବଶ୍ୟକ ମାର୍ଗଦର୍ଶନ କଲେ ପିଲାମାନେ ଉତ୍ସାହୀ ହେବା ସହ ପାଠପଢ଼ାରେ ମନଯୋଗ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସ୍କୁଲ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଡିଓ ବିକାଶ କୁମାର ନାୟକ, ମୁଖ୍ୟବକ୍ତା ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ୍ ଦୋଳଗୋବିନ୍ଦ ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଲୋକନାଥ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି , ପୂର୍ବତନ ପରିଚାଳନା କମିଟି ସମ୍ପାଦକ ରବିକୁମାର ସାମଲ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟର ସଫଳତା ଏବଂ ସମସ୍ୟା ଉପସ୍ଥାପନ କରିଥିଲେ।

ଏ-୧ ଗ୍ରେଡ୍‌ଧାରୀ ଅମଳେଶ ମହାନ୍ତି (୫୮୬), ସନ୍ଦୀପ ସାମଲ (୫୭୯), ସାୟନ ମିଶ୍ର (୫୬୯), ଦେବାଶିଷ ବର୍ମା (୫୬୪), ଓମ୍ ପ୍ରକାଶ ସାହୁ (୫୫୯), ଶାନ୍ତନୁ ସାମଲ (୫୫୮), ପ୍ରୀତିପ୍ରଜ୍ଞା ମଲ୍ଲିକ (୫୫୧), ଜଗତ୍‌ଜିତ ବ୍ରହ୍ମ (୫୪୮), ଜ୍ୟୋତିପ୍ରକାଶ ସାହୁ (୫୪୬), ପ୍ରତ୍ୟୁଷ କୁମାର ସାହୁ (୫୪୬), ସାଗର କୁମାର ସାହୁ (୫୪୩), ବିଶ୍ୱପ୍ରକାଶ ନାୟକ (୫୪୧)ଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଶିକ୍ଷକ ଧ୍ରୁବ ଚରଣ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଲୁମ୍‌ନି ସଭାପତି ନୀହାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ସମରେନ୍ଦ୍ର ନାୟକ, ନିର୍ମଳ ମହାନ୍ତି, ସୌଭାଗ୍ୟ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଅମିତ ନାୟକ, ଶିକ୍ଷୟିତ୍ରୀ କବିତା ରାଉତ, ମନସ୍ୱିନୀ ଶତପଥୀ, ପ୍ରଭାତୀ ସାହୁ, ଜ୍ୟୋତିର୍ମୟୀ ସାହୁ, ଗୀତାରାଣୀ ମହାପାତ୍ର, ରୋଜାଲିନ ପତି, ଜୟସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ପଦୋନ୍ନତିକୁ ନେଇ ଅସନ୍ତୋଷ

**ଢେଙ୍କାନାଳ ଅଫିସ, ୧୭।୭**

ଢେଙ୍କାନାଳ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ କାମାକ୍ଷାନଗର ରାମମନ୍ଦିରଠାରେ ସଭାପତି ସୁଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମାନଦଣ୍ଡ ଅନୁଯାୟୀ ଶିକ୍ଷକଙ୍କ ପଦୋନ୍ନତି ହେଉ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ମନଇଚ୍ଛା ପ୍ରମୋଶନ ଏବଂ ସିନିୟର ଟିଚର ପଦବୀକୁ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଜ୍ଞାତରେ ଏହି କାର୍ଯ୍ୟ ହୋଇଛି। ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ସମସ୍ୟା ବିଷୟରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜିଲା ଆଇନ ପରାମର୍ଶଦାତା ଆଇନଜୀବୀ ମନୋଜ କୁମାର ସାହୁ କହିଥିଲେ। ଉପରସ୍ତରର ଖାଲି ପଦବୀ ପୂରଣ ହୋଇଥିଲେ ତଳସ୍ତରରେ ନୂତନ ପଦବୀ ବାହାରିଥାନ୍ତା ବୋଲି ମତପ୍ରକାଶ ପାଇଥିଲା। ସଦର ବ୍ଲକ ଅନୁସୂଚିତ ଜାତି/ଜନଜାତି ବର୍ଗର ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ତଳେ ରଖାଯାଇଛି। ଗଁଦିଆ ବ୍ଲକରେ ପଦବୀ ଅଧିକ ଦେଖାଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ ନ ହେଲେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା ସାଧାରଣ ସମ୍ପାଦକ ସଚିନ କୁମାର ନାୟକ କହିଛନ୍ତି। ଏଥିସହ ମଧ୍ୟାହ୍ନ ଭୋଜନର ସୁପରିଚାଳନା ନ ହେଲେ ସଂଘ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ଜିଲା ଉପଦେଷ୍ଟା ଅନ୍ତର୍ଯ୍ୟାମୀ ନାୟକ, ସଙ୍ଗଠନ ସମ୍ପାଦକ ବୈରାଗୀ ଚରଣ ସେଠୀଙ୍କ ସମେତ ୮ ବ୍ଲକ ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ଶିକ୍ଷକ ସଂଘର କର୍ମକର୍ତ୍ତା।

## ଜିଲାରେ ୯୨ ପ୍ରଜାତିର ସାପ

**ଢେଙ୍କାନାଳ ଅଫିସ, ୧୭।୭**

**୮ ବିଷାକ୍ତ ପ୍ରଜାତିର**

ଢେଙ୍କାନାଳ ଜିଲା ଜୀବଜନ୍ତୁ କଲ୍ୟାଣ ଓ ଥଇଥାନ ସଙ୍ଗଠନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ଇକୋ କ୍ଲବ ମାଷ୍ଟର ଟ୍ରେନର ଦୀପ୍ତିମୟୀ ଲେଙ୍କା, ସର୍ପ ବିଶେଷଜ୍ଞ ଶୁଭେନ୍ଦୁ ସ୍ୱାଇଁ, ମିର୍ଜା ଆରିଫ୍ ମହମ୍ମଦ, ଟୁକୁନା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସର୍ପବଂଶର ସୁରକ୍ଷା, ସାପ କାମୁଡ଼ିଲେ କିପରି ଜୀବନ ରକ୍ଷା କରାଯାଇପାରିବ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଢେଙ୍କାନାଳ ଜିଲାରେ ୯୨ ପ୍ରଜାତିର ସାପ ବାସ କରୁଛନ୍ତି। ସେଥିରୁ ମାତ୍ର ୮ ପ୍ରଜାତି ବିଷଧର ବୋଲି ସୂଚନା ଦିଆଯାଇଥିଲା।

ସାପ କାମୁଡ଼ିବା ପରେ ପ୍ରଥମ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଜିଲାର ସମସ୍ତ ଚିକିତ୍ସାଳୟରେ ସାପ କାମୁଡ଼ା ଚିକିତ୍ସା କରାଯାଉଛି। ତେଣୁ ଅନ୍ଧବିଶ୍ୱାସରେ ନ ପଡ଼ି ସାପ କାମୁଡ଼ିଲେ ତୁରନ୍ତ ଡାକ୍ତରଖାନା ଯିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ ରେସକ୍ୟୁ ଆସୋସିଏଶନ ଗଠନ କରାଯାଇଛି। ସାପ ଉଦ୍ଧାରକାରୀ ଦଳକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପୌରାଧ୍ୟକ୍ଷା ପ୍ରତିଶ୍ରୁତି ଦେଇଛନ୍ତି। ବୁଲା ଜୀବଜନ୍ତୁଙ୍କୁ ଉତ୍ତମ ସେବା କରୁଥିବା ବରଜଙ୍ଗ କ୍ଲବ, ହେଲପିଂ ହ୍ୟାଣ୍ଡ ଅନୁଷ୍ଠାନ, ତ୍ରିନାଥ କ୍ଲବକୁ 'ସେବା ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଥିଲା। ଯାଦୁକର ବିମଳ ବିଶ୍ୱାଳ ପରିବେଶଭିତ୍ତିକ ମ୍ୟାଜିକ୍ ପ୍ରଦର୍ଶନ କରିଥିଲେ। ପୌରାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ।



# ରାସ୍ତା ବନ୍ଦ କରି ମାହାସୁଲ ଆଦାୟ

**ଢେଙ୍କାନାଳ ଅଫିସ, ୧୭।୭**


କପିଳାସ ମୁଖଶାଳା ନିକଟରେ ଅର୍ଥ ଆଦାୟ ପାଇଁ କରାଯାଇଥିବା ବେଆଇନ ବାଉଁଶଗେଟ୍।

■ଦେବୋତ୍ତର ବିଭାଗ ନାମରେ ବେଆଇନ ଅର୍ଥ ଦାବି
■ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ
■ପୂର୍ତ୍ତ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ହଟାଇଲେନି ଗେଟ୍

ଶ୍ରାବଣ ସୋମବାର କପିଳାସ ପୀଠକୁ ଜଳାଭିଷେକ ପାଇଁ ଆସୁଥିବା କାଉଡ଼ିଆଙ୍କଠାରୁ ଚଳିତବର୍ଷ କୌଣସି ମାହାସୁଲ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ନେଇଛି ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗ। ହେଲେ କପିଳାସ ମୁଖଶାଳା ନିକଟ ଏବଂ ସୋରିଶିଆପଦାକୁ ଯାଇଥିବା ରାସ୍ତାର ଦେଓଗାଁ ଛକରେ ଗେଟ୍ କରି କିଛିଦିନ ହେଲା ଦେବୋତ୍ତର ବିଭାଗ ନାମରେ ଆଦାୟ ହେଉଛି ମାହାସୁଲ। ଏଥିପାଇଁ ରାସ୍ତାରେ କରାଯାଇଛି ବାଉଁଶର ବେଆଇନ ଟୋଲଗେଟ୍। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଜିଲା ପ୍ରଶାସନ, ପୂର୍ତ୍ତ ଓ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ପୂର୍ତ୍ତ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଉକ୍ତ ଗେଟ୍ ନ ହଟିବା ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦୀର୍ଘ ଦୁଇବର୍ଷ ପରେ ଚଳିତବର୍ଷ ଶ୍ରାବଣ କାଉଡ଼ି ଯାତ୍ରାକୁ ଅନୁମତି ଦେଇଛି ଜିଲା ପ୍ରଶାସନ। ବିଶେଷକରି ଶ୍ରଦ୍ଧାଳୁଙ୍କ ଅର୍ଥ ଚାପ କମାଇବାକୁ ଯାଇ ଚଳିତ ବର୍ଷ ମାହାସୁଲ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହାସତ୍ତ୍ୱେ କପିଳାସ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କଠାରୁ ଦୁଇଟି ସ୍ଥାନରେ ବାଉଁଶ ଗେଟ୍ ପକାଇ ଟଙ୍କା ଆଦାୟ କରାଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟଙ୍କା ଆଦାୟ କରୁଥିବା ବ୍ୟକ୍ତିମାନେ କିଏ, ସେମାନଙ୍କୁ ଏହି କାର୍ଯ୍ୟରେ କିଏ ନିୟୋଜିତ କରିଛି ତାହା ଅସ୍ପଷ୍ଟ ରହିଛି। ଅନ୍ୟପଟେ ଏଭଳି ବେଆଇନ ଅର୍ଥ ଆଦାୟକୁ ନେଇ ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।

ଉଲ୍ଲେଖଯୋଗ୍ୟ, ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ପୀଠର ବାରବାଙ୍କ ଘାଟିରାସ୍ତା ପୂର୍ବରୁ ପ୍ରବେଶ ଶୁଳ୍କ ଆଦାୟ ହେଉଥିଲା। ହେଲେ ଚଳିତ ବର୍ଷ କୌଣସି ଶୁଳ୍କ ଆଦାୟ ହେବନାହିଁ ବୋଲି ଶ୍ରାବଣ କାଉଡ଼ିଯାତ୍ରା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଦେବୋତ୍ତର ବିଭାଗ ନାମରେ ପୂର୍ତ୍ତ ବିଭାଗ ରାସ୍ତା ଉପରେ ଗେଟ୍ କରି କାହା ସ୍ୱାର୍ଥରେ ଟଙ୍କା ଆଦାୟ କରାଯାଉଛି, ତାହା ତଦନ୍ତସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କୁହନ୍ତି, ରାସ୍ତାରୁ ଉକ୍ତ ବେଆଇନ ଟୋଲଗେଟ୍ ଉଠାଇବାକୁ କୁହାଯାଇଛି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ପୂର୍ବତନ ବିଧାୟକ ନନ୍ଦ ଏ ସମ୍ପର୍କରେ ଜଣାଇଛନ୍ତି। ଉପଜିଲାପାଳ ଗେଟ୍ ଉଠାଇଦେବାକୁ କହିଛନ୍ତି। ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ରବିବାର ଯାତ୍ରୀଙ୍କଠାରୁ ଗେଟ୍‌ରେ ଟଙ୍କା ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରଶାସନିକ ନିର୍ଦ୍ଦେଶନାମାକୁ ବେଆଇନ ଅର୍ଥ ଆଦାୟକାରୀ ଗୁରୁତ୍ୱ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି।

